# Akashvani, Sambalpur

## SAMBALPURI NEWS EVENING BULLETIN

## 29 May 2026-7.02- 7.12 pm.

---

୧- ରାଏଜେ ଆଏବାକାଏଲ୍‌ଠାନୁ ମୁଲ୍ ହେବା ଏସ୍‌ଆଇଆର୍ ପ୍ରକ୍ରିୟା ।

- ୩୮ ହଜାର୍ ନୁ ଅଏତ୍‌କା ବୁଥ୍‌ସ୍ତରୀୟ ଅଧିକାରୀ ସଂଗ୍ରହ କର୍‌ବେ ଭୋଟର୍ ମାନ୍‌କର୍ ତଥ୍ୟ ।

୨- ମୁଖ୍ୟମନ୍ତ୍ରୀଙ୍କର୍ ଅଧ୍ୟକ୍ଷତାଥି ଆଏବା ବୁଧବାର୍ ଦିନ ହେବା ରାଜ୍ୟ କେବିନେଟ୍‌ର ଜରୁରୀ ବୈଠକ୍ ।

ଆଉର୍

୩- ଦକ୍ଷିଣ ପର୍ଶ୍ଚିମ୍ ମୌସୁମୀ ବାୟୁ ପ୍ରଭାବ୍‌ଥି ଆଏବା ଜୁନ୍ ନୁ ସେପ୍ଟେମ୍ବର୍ ମାସ୍ ଭିତ୍‌ରେ ହେବା ସ୍ୱାଭାବିକ୍ ନୁ କମ୍ ବର୍ଷା- ସୂଚ୍‌ନା ଦେଲା ପାଣିପାଗ୍ ବିଭାଗ୍ ।

ଏସ୍ଆଇଆର୍ ହି.ସ.

ରାଏଜେ ଆଏବା କାଏଲ୍ଠାନୁ ଭୋଟର୍ ତାଲିକାଥି ସ୍ୱତନ୍ତ୍ର ସଘନ ସଂଶୋଧନ୍- ଏସ୍ଆଇଆର୍ ଲାଗି ପ୍ରକ୍ରିୟା ମୁଲ୍ ହେବା । ତାର୍ ଆଘୋନୁ ଆଏଜ୍ ଭୁବ୍ନେଶ୍ୱର୍ ନ ରାଜ୍ୟ ମୁଖ୍ୟ ନିର୍ବାଚନ୍ ଅଧିକାରୀ ଆର୍.ଏସ୍. ଗୋପାଲନ୍ ସାମ୍ବାଦିକ୍ ସମ୍ମିଲନୀଥି କହିଛନ୍, ଇ ପ୍ରକ୍ରିୟାଥି ୩୮ ହଜାର୍ ଶହେ ୨୩ ଝନ୍ ବୁଥ୍ସ୍ତରୀୟ ଅଧିକାରୀ- ବିଏଲଓ ଘର୍ ଘର୍ ବୁଲିକରି ମତାଦାତା ମାନ୍କର୍ ତଥ୍ୟ ଯାଂଚ୍ କର୍ବେ । ସେମାନ୍କୁ ସାହାଜ୍ କର୍ବାର୍ ଲାଗି ଭିନ୍ ଭିନ୍ ରାଜନୈତିକ୍ ଦଲ୍ ତର୍ଫୁ ୨୭ ହଜାର୍ନୁ ଅଏତ୍କା ବୁଥ୍ସ୍ତରୀୟ କର୍ମକର୍ତା ନିୟୋଜିତ୍ ହେଇଛନ୍ । ବିଏଲ୍ଓ ମାନ୍କର୍ ଜରିଆଥି ସାଧାରଣ୍ ଲୁକେ ଭୋଟର୍ ଆଇ.ଡି. ର ସଂଶୋଧନ୍ କରିପାର୍ବେ । ଇହାଦେତକ୍ ୩ କୋଟି ଶହେ ୬୩ ହଜାର୍ ୩ ଶହ ୨୩ ଝନ୍ ଭୋଟର୍ଙ୍କର୍ ମେପିଂ ଶେଷ୍ ହେଇଛେ । ଫି’ ଭୋଟର୍ଙ୍କୁ ୨ ଟା ଫର୍ମ ଦିଆଯିବା । ଏସ୍ଆଇଆର୍ ପ୍ରକ୍ରିୟା ଆଏବା ମାସ ୨୮ ତାରିଖ୍ତକ୍ ଚାଲ୍ବା ବଲି ଶ୍ରୀ ଗୋପାଲନ୍ କହିଛନ୍ ।

(ଭଏସ୍ ଓଭର- ଆର୍.ଏସ୍. ଗୋପାଲନ୍)

ଜନଗଣନା ଲାଗି ଚାଲିଥିବା ଘର୍ ଗନ୍ନା ପ୍ରକ୍ରିୟାକେ ନଜରଥି ରଖିକରି ସମିଆ ଧାରିଜ୍ କରାଯାଇଛେ । ଅଣ ଭାରତୀୟମାନ୍‌କୁ ତାଲିକାନୁ ବାଦ୍ ଦିଆଯାଇଛେ ବଲି ନିର୍ବାଚନ୍ ଅଧିକାରୀ ସୂଚ୍‌ନା ଦେଇଛନ୍ ।

ମତଦାତାମାନେ ନିର୍ବାଚନ୍ ଆୟୋଗଙ୍କର୍ ୱେବ୍‌ସାଇଟ୍ voter.eci.gov.in ନୁ ଫର୍ମ ଡାଉନ୍‌ଲୋଡ୍ କରିପାର୍‌ବେ । ଇ ଫର୍ମକେ ଭରିକରି ପୋର୍ଟାଲ୍ ଜରିଏ ଅନ୍‌ଲାଇନ୍ ଅପ୍‌ଲୋଡ୍ କରିପାର୍‌ବେ । ଫର୍ମ ଭର୍‌ବାର୍‌ଥି କେନ୍‌ସି ପ୍ରକାର୍ ସମସ୍ୟା ଦେଖାଦେଲେ ବିଏଲ୍‌ଓ ସମ୍ପୃକ୍ତ ଭୋଟରଙ୍କୁ ସାହାଜ୍ କର୍‌ବେ ।

ଏସ୍‌ଆଇଆର-ବାଲୁକା କଳା        ପୁରୀ ସମ୍ବାଦଦାତା

ପୁରୀ ସମୁଦ୍ର ଖଁଡ଼ି ନ ବାଲୁକା କଳା ଜରିଏ ସ୍ୱତନ୍ତ୍ର ସଘନ ସଂଶୋଧନ୍ - ଏସ୍‌ଆଇଆର୍ ଉପ୍‌ରେ ସଚେତନତା ବାର୍ତା ଦିଆଯାଇଛେ । ବାଲୁକା ଶିଳ୍ପୀ ସୁଦର୍ଶନ୍ ପଟ୍ଟନାୟକ୍ ତିଆର୍ କରିଥିବା ଇ ବାଲୁକା କଳାକେ ରାଜ୍ୟ ମୁଖ୍ୟ ନିର୍ବାଚନ୍

ଅଧିକାରୀ ଆର୍.ଏସ୍. ଗୋପାଲନ୍ ଉଦ୍‌ଘାଟନ୍ କରିଛନ୍ । ଓଡ଼ିଶା ନ ଏସ୍‌ଆଇଆର୍‌ର ସଫଳତା କାମ୍‌ନା କର୍‌ବାର୍ ସହେତେ ଲୁକ୍‌କୁ ଇ ପ୍ରକ୍ରିୟାଥି ସାମିଲ୍ ହେଇକରି ସହଯୋଗ୍ କର୍‌ବାର୍‌କେ ସେ ନିବେଦନ୍ କରିଛନ୍ ।

ରାଜ୍ୟ କେବିନେଟ୍ ହି.ସ.

ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀଙ୍କର୍ ଅଧ୍ୟକ୍ଷତାଥି ଆଏବା ବୁଧବାର୍ ଦିନ ରାଜ୍ୟ କେବିନେଟ୍‌ର ଜରୁରୀ ବୈଠକ୍ ବସ୍‌ବା । ଭୁବ୍‌ନେଶ୍ୱର୍ ଲୋକ୍‌ସେବା ଭବନ୍ ନ ହେବାର୍‌କେ ଥିବା ବୈଠକ୍‌ଥି ୧୨ ଟା ପ୍ରସ୍ତାବ୍ ଉପ୍‌ରେ ଆଲୋଚନା କରାଯିବା । ମନ୍ତ୍ରୀ ପରିଷଦ୍‌ର ସଦସ୍ୟ ଆଉ ବିଭାଗୀୟ ସଚିବ ମାନେ ବୈଠକ୍‌ଥି ଉପସ୍ଥିତ୍ ରହେବେ ବଲି ଜନାପଡ଼ିଛେ ।

ମୁଖ୍ୟମନ୍ତ୍ରୀ ଜନ ଅଭିଯୋଗ୍ ଶୁଣାଣି ହି.ସ.

ଭୁବନେଶ୍ୱର୍ ୟୁନିଟ୍ -୨ ଅଶୋକ୍ ନଗର୍ ନ ଥିବା ଆଘର୍ ସର୍କାରୀ ପ୍ରାଥମିକ୍ ବିଦ୍ୟାଳୟ ନ ଆଏବା ୧ ତାରିଖ୍ ସୋମ୍ବାର୍ ଦିନ ମୁଖ୍ୟମନ୍ତ୍ରୀଙ୍କର୍ ଜନ ଅଭିଯୋଗ୍ ଶୁଣାଣି ହେବା । ଜନଶୁଣାଣି ସଖାଲର୍ ୮ ବଜେ ମୁଲ୍ ହେବା । ଗଲା ଏପ୍ରିଲ୍ ୨୭ ତାରିଖ୍ ହେବାର୍କେ ଥିବା ଶୁଣାଣି ଲାଗି ଆଘୋନୁ ପଞ୍ଜିକରଣ୍ କରିଥିବା ଆବେଦନ୍କାରୀମାନେ ଇ ଦିନ ନିଜର୍ ଅଭିଯୋଗ୍ ଜନେଇପାର୍ବେ । ଇଥିର୍ଲାଗି ସେମାନ୍କୁ ଫେର୍ଘାଏ ପଞ୍ଜିକରଣ୍ କର୍ବାର୍କେ ନାଇଁ ପଡ଼େ ।

ପିଏମ୍ ସୂର୍ଯ୍ୟଘର ଆର୍ଏନ୍ୟୁ/ କଟକ୍

ସ୍ୱଚ୍ଛ ଶକ୍ତି ଯାତ୍ରାଥି ଭାରତ୍ ଐତିହାସିକ୍ ମାଇଲ୍ଖୁଂଟା ଥାପ୍ନା କରିଛେ । ସାମାଜିକ୍ ଗଣମାଧ୍ୟମ୍ ଜରିଏ କେନ୍ଦ୍ର ନୂତନ ଆଉ ନବକରଣୀୟ ଶକ୍ତିମନ୍ତ୍ରୀ ପ୍ରହ୍ଲାଦ ଯୋଷୀ କହିଛନ୍, ପ୍ରଧାନ୍ମନ୍ତ୍ରୀ ସୂର୍ଯ୍ୟଘର୍ ଯୋଜ୍ନାଥି ଦେଶର୍ ୪୦ ଲାଖ୍ ପରିବାର୍ ଛତ୍ଉପ୍ରେ ସୌରଶକ୍ତି ବ୍ୟବସ୍ଥା କରିଛନ୍ । ମନ୍ତ୍ରୀ

ଶ୍ରୀ ଯୋଷୀ କହିଛନ୍, ଯୋଜ୍‌ନାଥି ନାଗରିକ୍‌ମାନେ ଶକ୍ତି ଉପଭୋକ୍ତା ସହେତେ ଶକ୍ତି ଉତ୍ପାଦକ୍ ଭିଲ୍ ହେଇପାରିଛନ୍ । ପରିବାର୍‌ମାନ୍‌କର୍ ବିଜ୍‌ଲି ଖର୍ଚ୍ଚା କମିଛେ ଆଉ ସର୍‌କାର୍‌ଙ୍କର୍ ଠାନୁ ରିହାତି ପାଏବାର୍ ଉତ୍‌ରୁ ସେମାନ୍‌କର୍ ବିଜ୍‌ଲି ବିଲ୍ ବହୁତ୍‌ଟେ କ୍ଷେତ୍ରଥି ଶୂନ୍‌କେ ପୁହୁଁଚିଛେ । ସୂର୍ଯ୍ୟଶକ୍ତି ଥିବା ଘର୍ ଦେଶେ ଶକ୍ତି ସୁରକ୍ଷା ପରିବେଶ୍ ସନ୍ତୁଳନ୍ ଆଉ ବିକଶିତ୍ ଭାରତ୍ ଦିଗେ ଆତ୍ମନିର୍ଭରଶୀଳତାର୍ ପ୍ରଦର୍ଶନ୍ କରୁଛେ ବଲି ମନ୍ତ୍ରୀ କହିଛନ୍ ।

ମନ୍ କି ବାତ୍        ଆର୍‌ଏନ୍‌ୟୁ/ ସମ୍ବଲପୁର

ପ୍ରଧାନ୍‌ମନ୍ତ୍ରୀ ନରେନ୍ଦ୍ର ମୋଦୀ ଆଏବା ରଏବାର୍ ଦିନ ସଖାଲର୍ ୧୧ ବଜେ ଆକାଶ୍‌ବାଣୀର୍ ମନ୍ କି ବାତ୍ କାର୍ଯ୍ୟକ୍ରମ୍ ଜରିଏ ଦେଶ୍ ଆଉ ଦୁନିଆସାରା ଲୁକ୍‌କର୍ ସାଙ୍ଗେ ଭାବ୍ ଦିଆନିଆ କର୍‌ବେ । ଇଟା ତାଙ୍କର୍ ଶହେ ୩୪ ନମ୍ବର୍ ମନ୍ କି ବାତ୍ କାର୍ଯ୍ୟକ୍ରମ୍ ହେବା ।

ମନ୍ କି ବାତ୍ କାର୍ଯ୍ୟକ୍ରମ୍ ଆକାଶ୍‌ବାଣୀ ଆଉ ଦୂର୍‌ଦର୍ଶନ୍ ଜରିଏ ଆର୍ ଏଆଇଆର୍ ନ୍ୟୁଜ୍ ୱେବ୍‌ସାଇଟ୍ 'ନ୍ୟୁଜ୍ ଅନ୍ ଏଆଇଆର୍' ମୋବାଇଲ୍ ଆପ୍‌ଥି ପ୍ରସାରଣ୍ କରାଯିବା । ଆକାଶ୍‌ବାଣୀ ସମ୍ବାଦ, ଡିଡି ନ୍ୟୁଜ୍, ପିଏମ୍‌ଓ ଅଫିସ୍ ଆଉ ସୂଚନା ଆଉ ପ୍ରସାରଣ୍ ମନ୍ତ୍ରଣାଲୟର ୟୁ-ଟ୍ୟୁବ୍ ଚେନାଲ୍‌ଥି ଭିଲ୍ ଇତାର୍ ସିଧା ପ୍ରସାରଣ୍ କରାଯିବା । ପ୍ରଧାନ୍‌ମନ୍ତ୍ରୀଙ୍କର୍ ହିନ୍ଦୀ ଅଭିଭାଷଣ୍ ଉତ୍‌ରୁ ଆଂଚଲିକ୍ ଭାଷାଥି ଇତାର୍ ପ୍ରସାରଣ୍ କରାଯିବା ।

ଜୟନ୍ତୀ ରଥଙ୍କର୍ ପରଲୋକ ଆର୍‌ଏନ୍‌ୟୁ/ କଟକ୍

ଭୁବ୍‌ନେଶ୍ୱର୍ ଦୂରଦର୍ଶନ୍ କେନ୍ଦ୍ରର୍ ଆଘର୍ ନିର୍ଦ୍ଦେଶିକା ଜୟନ୍ତୀ ରଥଙ୍କର୍ ଆଏଜ୍ ସଖାଲେ ୭୦ ବଛର୍ ବୟେସେ ପରଲୋକ୍ ହେଇଛେ । ସେ ଝନେ ଦକ୍ଷ ପ୍ରଶାସକ ଆଉ ସଫଲ୍ ପ୍ରସାରଣ୍ ବ୍ୟକ୍ତିତ୍ୱ ଭାବେ ନାଁ କରିଥିଲେ । ପ୍ରସାର୍ ଭାରତୀ ନ ଭିନ୍ ଭିନ୍ ପଦ ପଦ୍‌ବୀଥି ସେ ସଫଲତାର୍ ସହେତେ ସେ କାମ୍ କରିଥିଲେ । ସେ ଝନେ ସାହିତ୍ୟ ଅନୁରାଗୀ ଆଉ ଭଲ୍ ବକ୍ତା

ଭିଲ୍ ଥିଲେ । ଦୂରଦର୍ଶନ୍‌ଥି ଲମ୍ବା କାର୍ଯ୍ୟକାଳ ଭିତ୍‌ରେ ଶ୍ରୀମତୀ ରଥ ନୂଆଁ କାର୍ଯ୍ୟକ୍ରମ୍ ପରିକଳ୍ପନା କ୍ଷେତ୍ରଥି ମୁଖିଆ ଭୂମିକା ନେଇଥିଲେ । ତାଙ୍କର୍ ବିୟୋଗ୍‌ଥି ଗଣମାଧ୍ୟମ୍ ସହେତେ ଭିନ୍ ଭିନ୍ ବର୍ଗର୍ ଲୁକେ ଗଭୀର ଶୋକ ପ୍ରକାଶ୍ କରିଛନ୍ । ପୁରୀ ସ୍ୱର୍ଗ ଦ୍ୱାର ନ ଆଏଜ୍ ତାଙ୍କର୍ ଶେଷକୃତ୍ୟ କରାଯାଇଛେ ।

ଆଇନ୍ ସଚେନତତା ଶିବିର ସମ୍ବଲପୁର ସମ୍ବାଦଦାତା

ସମ୍ବଲ୍‌ପୁର୍ ଜିଲ୍ଲା ଆଇନ୍‌ସେବା ପ୍ରାଧିକରଣ୍ ଆଉ ଜିଲ୍ଲା ଶିଶୁ ସୁରକ୍ଷା ସମିତିର ମିଲିତ୍ ସହଯୋଗ୍‌ଥି ସୁରକ୍ଷିତ୍ ବଚ୍‌ପନ୍ ସୁରକ୍ଷିତ୍ ଭବିଷ୍ୟତ୍ ଶୀର୍ଷକ୍‌ଥି ଗୁଟେ ଆଇନ୍ ସଚେନତତା ଶିବିର୍ ହେଇଯାଇଛେ । ଶିବିର୍‌ଥି ପୋକ୍‌ସୋ ଆଇନ୍ ବାବ୍‌ଦେ ବିସ୍ତୃତ୍ ଆଲୋଚନା କରାଯାଇଛେ । ସମାଧାନ୍ ସମାରୋହ ଜରିଏ ସାଧାରଣ୍ ଲୁକଙ୍କର୍ ଭିନ୍ ଭିନ୍ ଆଇନ୍ ବାବଦ୍ ସମସ୍ୟାର୍ ଭିଲ୍ ସମାଧାନ୍ କରାଯାଇଛେ ।

ଜିଲ୍ଲା ପରିଷଦ୍ ବୈଠକ୍          ବୌଦ୍ଧ ସମ୍ବାଦଦାତା

ବୌଦ୍ଧ ଜିଲ୍ଲା ପଂଚାୟତ୍ ଭବନ୍ ସଭାଗୃହ ନ ଜିଲ୍ଲା ପରିଷଦ୍ ବୈଠକ୍ ହେଇଯାଇଛେ । ବୈଠକ୍‌ଥି ଜିଲ୍ଲା ନ କାର୍ଯ୍ୟକାରୀ ହଉଥିବା ଭିନ୍ ଭିନ୍ ଉନ୍ନୟନ୍‌ମୂଲକ୍ କାମ୍‌ର ସମୀକ୍ଷା କରାଯାଇଥିଲା । ବିଧାୟକ୍ ସରୋଜ୍ କୁମାର୍ ପ୍ରଧାନ୍, କହ୍ନେଇ ଚରଣ୍ ଡାଙ୍ଗ, ଜିଲ୍ଲାପାଲ୍ ବିଭୂତି ଭୂଷଣ୍ ନାୟକ୍ ଯୋଗ୍ ଦେଇକରି ଜିଲ୍ଲାର୍ ଉନ୍ନୟନ୍ ଲାଗି ଭିନ୍ ଭିନ୍ ପ୍ରସ୍ତାବ୍ ଉପସ୍ଥାପନ୍ କରିଥିଲେ । ରୋଜ୍‌ଗାର୍ ତିଆର୍ ଲାଗି ଗୁଟେ ଇନ୍‌ଭେଷ୍ଟର୍ ମିଟ୍ ର ଆୟୋଜନ୍ ଆଉ ଶ୍ରମ ଭିତିକ୍ ଶିଳ୍ପସଂସ୍ଥା ଥାପ୍‌ନା ଲାଗି ବିଧାୟକ୍ ଶ୍ରୀ ପ୍ରଧାନ୍ ପ୍ରସ୍ତାବ୍ ଦେଇଥିଲେ ।

ସଭର୍‌କର୍‌ଙ୍କର୍ ଜନ୍ମଦିବସ          ବୌଦ୍ଧ ସମ୍ବାଦଦାତା

କେନ୍ଦ୍ର ସର୍‌କାର୍‌ଙ୍କର୍ ଯୁବ ଆଉ କ୍ରୀଡ଼ା ବିଭାଗ୍ ତର୍‌ଫୁ ବୌଦ୍ଧ ଠାନେ ବିନାୟକ୍ ଦାମୋଦର୍ ସଭର୍‌କର୍‌ଙ୍କର୍ ଶହେ ୪୩ ତମ ଜୟନ୍ତୀ ପାଲିତ୍ ହେଇଯାଇଛେ । ଜିଲ୍ଲା ଏଏନ୍‌ଏମ୍ ପରିସର୍ ନ

ହେଇଥିବା ସଭାଥି ବୌଦ୍ଧ ପଂଚାୟତ୍ ମହାବିଦ୍ୟାଲୟର୍ ଆଘର୍ ଅଧ୍ୟକ୍ଷ ପ୍ରଭାସ୍ ଚନ୍ଦ୍ର ମିଶ୍ର ଯୋଗ୍ ଦେଇକରି ରାଷ୍ଟ୍ରସେବା ଉପ୍ରେ ମତ ରଖିଥିଲେ ।

ସାମ୍ବାଦିକ୍ ସମ୍ମିଳନୀ      କଳାହାଣ୍ଡି ସମ୍ବାଦଦାତା

କଳାହାଣ୍ଡି ଜିଲ୍ଲା ଭବାନୀପାଟ୍ନା ସାର୍କିଟ୍ ହାଉସ୍ ଠାନେ ବିଜେପି କୃଷକ୍ ମୋର୍ଚ୍ଚାର୍ ଗୁଟେ ସାମ୍ବାଦିକ୍ ସମ୍ମିଳନୀ ହେଇଯାଇଛେ । ସମ୍ମିଳନୀଥି ମଣ୍ଡି ସମସ୍ୟା ଆଉ ଧାନ୍ ଘିନା ପ୍ରକ୍ରିୟା ବାବ୍‌ଦେ ଆଲୋଚନା କରାଯାଇଥିଲା । ଜିଲ୍ଲ ଯୋଜ୍‌ନା ବୋର୍ଡ୍ ଅଧ୍ୟକ୍ଷ ଆଉ ବିଧାୟକ୍ ସୁଧୀର୍ ରଞ୍ଜନ୍ ପାଟ୍ଟଯୋଷୀ, ରାଜ୍ୟ ସାଧାରଣ୍ ସମ୍ପାଦକ, ଆର୍ତବନ୍ଧୁ ପୃଷ୍ଟି ପ୍ରମୁଖ ଇଥି ଉପସ୍ଥିତ୍ ଥିଲେ ।

ପାଣିପାଗ      ଆର୍‌ଏନ୍‌ୟୁ/ ସମ୍ବଲପୁର

ଦକ୍ଷିଣ ପଶ୍ଚିମ ମୌସୁମୀ ବାୟୁ ପ୍ରଭାବ୍‌ଥି ଆଏବା ଜୁନ୍ ନୁ ସେପ୍ଟେମ୍ବର୍ ମାସ୍ ଭିତରେ ଦେଶେ ସ୍ୱାଭାବିକ୍‌ନୁ କମ୍ ବର୍ଷା ହେବା ବଲି ଭାରତୀୟ ପାଣିପାଗ୍ ବିଭାଗ୍ ତର୍‌ଫୁ ଆକଲନ୍ କରାୟାଇଛେ । ନୂଆଦିଲ୍ଲୀ ନ ଆଏଜ୍ ଇ ବଛ୍‌ରର୍ ମୌସୁମୀ ଋତୁ ବାବ୍‌ଦେ ହେଇଥିବା ସାମ୍ବାଦିକ୍ ସମ୍ମିଲନୀଥି ଗଣମାଧମ୍‌କେ ସୂଚ୍‌ନା ଦେଇକରି ଭୂ-ବିଜ୍ଞାନ୍ ମନ୍ତ୍ରଣାଲୟ ସଚିବ ଡକ୍ଟର୍ ଏମ୍.ରବିଚନ୍ଦ୍ରନ୍ କହିଛନ୍, ଦକ୍ଷିଣ ପଶ୍ଚିମ ମୌସୁମୀ ବାୟୁ ଲାଗି ହଉଥିବା ବର୍ଷାର ପରିମାଣ୍ ୯୦ ପ୍ରତିଶତ ରହେବା । ମୌସୁମୀ ଋତୁଥି ଏଲ୍‌ନିନୋ ପରିସ୍ଥିତି ଦେଖାଦେବାର୍ ପରିସ୍ଥିତି ଦେଖାଦେବାର୍ ସମ୍ଭାବନା ରହିଛେ । ଭାରତୀୟ ପାଣିପାଗ୍ ବିଭାଗ୍‌ର ମହାନିର୍ଦ୍ଦେଶକ୍ ଡକ୍ଟର୍ ମୃତ୍ୟୁଞ୍ଜୟ ମହାପାତ୍ର କହିଛନ୍, ଆଏବା ଜୁନ୍ ମାସେ ଦେଶେ ସ୍ୱାଭାବିକ୍‌ନୁ କମ୍ ବର୍ଷା ହେବା ବଲି ଅନୁମାନ୍ କରାୟାଇଥିବାର୍ ବେଲେ ଓଡ଼ିଶା ନ ଜୁନ୍ ମାସେ ସ୍ୱାଭାବିକ୍‌ନୁ ୯୨ ପ୍ରତିଶତ୍ କମ୍ ବର୍ଷା ହେବାର୍ ସମ୍ଭାବନା ରହିଛେ । ଏଲ୍‌ନିନୋ ସ୍ଥିତିଥି ପରିବର୍ତ୍ତନ୍ ଦେଖ୍‌ବାର୍‌କେ ମିଲିଥିବାର୍‌ନୁ ଓଡ଼ିଶା, ଆନ୍ଧ୍ରପ୍ରଦେଶ୍ ଆଉ ମହାରାଷ୍ଟ୍ର ନ ଜବର୍ ଖରା ଲାଗି ସତର୍କତା ଜାରି କରାୟାଇଛେ । ସେ ସମିଆ ଭିତ୍‌ରେ ଉତର୍ ପଶ୍ଚିମ, ଉତର୍ ପୂର୍ବ ଆଉ ଦକ୍ଷିଣ୍

ଉପଦ୍ୱୀପ ଇଲାକା ନ ସ୍ୱାଭାବିକ୍ କି ତାର୍‌ନୁ ଅଏତ୍‌କା ବର୍ଷା ହେବାର୍ ସମ୍ଭାବନା ରହିଛେ ।

୨୦୩୦ ମସିହାତକ୍ ସାରା ପୁର୍‌ଥି ନ ଗରମ୍ ବଢ଼୍‌ବା ବଲି ବିଶ୍ୱ ପାଣିପାଗ୍ ସଂଗଠନ୍ ତର୍‌ଫୁ କୁହାଯାଇଛେ । ୨୦୨୬ ନୁ ୨୦୩୦ ମସିହା ଭିତ୍‌ରେ ୫ ବଛର୍ ହାରାହାରି ବିଶ୍ୱ ତାପମାତ୍ରା ୧୮୫୦ ମସିହାନୁ ୧୯୦୦ ମସିହା ତୁଲ୍‌ନାଥି ୧ ଦଶ୍‌ମିକ୍ ୩ ଡିଗ୍ରୀନୁ ୧ ଦଶ୍‌ମିକ୍ ୯ ଡିଗ୍ରୀ ସେଲ୍‌ସିଅସ୍ ଅଏତ୍‌କା ରହେବା ।

(ଭଏସ୍ ଓଭର୍)

ଜବର୍ ଗରମ୍ ଆଉ ପାନିର୍ ସମସ୍ୟାର୍ ମୁକାବିଲା ଲାଗି ଆଗ୍‌ତୁରା ପ୍ରସ୍ତୁତ୍ ରହେବାର୍‌କେ ରାଜ୍ୟ ସର୍‌କାର୍ ଜିଲ୍ଲା ପ୍ରଶାସନ୍ ମାନ୍‌କୁ ପରାମର୍ଶ ଦେଇଛନ୍ । ଖରା ସମିଆଥି ବାହାର୍‌କେ ନାଇଁଯିବାର୍, ଭର୍‌ପୁର୍ ମାତ୍ରାଥି ପାଏନ୍ ପିଇବାର୍, ଛୁଆ ଆଉ ବୟସ୍କ ମାନ୍‌କର୍ ଯତନ୍ ନେବାର୍‌କେ ଭିଲ୍ କୁହାଯାଇଛେ । ପାଣିପାଗ୍ କେନ୍ଦ୍ରର୍ ଆକଲନ୍ ଉତ୍‌ରୁ ଭୁବ୍‌ନେଶ୍ୱର୍ ଆଂଚଲିକ୍ ପାଣିପାଗ୍ ବିଜ୍ଞାନ୍ କେନ୍ଦ୍ରର୍ ନିର୍ଦ୍ଦେଶିକା ମନୋରମା ମହାନ୍ତି ତାଙ୍କର୍ ପ୍ରତିକ୍ରିୟାଥି କହିଛନ୍...

(ଭଏସ୍ ଓଭର୍- ମନୋରମା ମହାନ୍ତି)